# Official Spokesperson's response to media queries on the Indian Consulate in Kandahar

July 11, 2021

## କାନ୍ଦାହାରରେ ଥିବା ଭାରତୀୟ ବାଣିଜ୍ୟ ଦୂତାବାସକୁ ନେଇ ଗଣମାଧ୍ୟମ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ଜୁଲାଇ 11, 2021**

**କାନ୍ଦାହାରରେ ଥିବା ଭାରତୀୟ ବାଣିଜ୍ୟ ଦୂତାବାସକୁ ନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ ବାଗଚି କହିଛନ୍ତି ଯେ:**

"ଆଫଗାନିସ୍ତାନରେ ଉପୁଜିଥିବା ସୁରକ୍ଷା ପରିସ୍ଥିତି ଉପରେ ଭାରତ ଲଗାତାର ନଜର ରଖିଛି। ଆମର କର୍ମଚାରୀଙ୍କ ସୁରକ୍ଷା ଏବଂ ନିରାପତ୍ତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କାନ୍ଦାହାରରେ ଥିବା ବାଣିଜ୍ୟ ଦୂତାବାସ ବନ୍ଦ କରାଯାଇନାହିଁ। ପ୍ରକାଶ ଥାଉକି କାନ୍ଦାହାର ସହର ନିକଟରେ ପ୍ରବଳ ଲଢେଇ ଯୋଗୁଁ ଭାରତୀୟ କର୍ମଚାରୀଙ୍କୁ ଅପାତତଃ ଫେରାଇ ଅଣାଯାଇଛି। ମୁଁ ଜୋର ଦେବାକୁ ଚାହୁଁଛି ଯେ ପରିସ୍ଥିତି ସ୍ଥିର ନହେବା ପର୍ଯ୍ୟନ୍ତ ଏହା ଏକ ଅସ୍ଥାୟୀ ପଦକ୍ଷେପ। ବାଣିଜ୍ୟ ଦୂତାବାସର କାର୍ଯ୍ୟ ଆମର ସ୍ଥାନୀୟ କର୍ମଚାରୀଙ୍କ ସହାୟତାରେ ଜାରି ରହିଛି।

କାବୁଲରେ ଥିବା ଆମର ଦୂତାବାସ ଜରିଆରେ ଭିସା ଏବଂ କନସୁଲାର ସେବା ନିରନ୍ତର ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯାଉଛି।

ଆଫଗାନିସ୍ତାନର ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗୀ ଭାବରେ ଭାରତ ଏକ ଶାନ୍ତିପୂର୍ଣ୍ଣ, ସାର୍ବଭୌମ ତଥା ଗଣତାନ୍ତ୍ରିକ ଆଫଗାନିସ୍ତାନ ପାଇଁ ପ୍ରତିବଦ୍ଧ।"

**ନୂଆଦିଲ୍ଲୀ**

**ଜୁଲାଇ 11, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.